# Akashvani, Sambalpur

## SAMBALPURI NEWS MORNING BULLETIN

## 5 August 2026 - 6.47- 6.52 am.

---

ବ୍ରିକ୍ସ ସମ୍ମିଳନୀ        ଆଇ.ଆଣ୍ଡ୍.ପି.ଆର୍

ବ୍ରିକ୍ସ - ଭାରତ୍ ଅଧ୍ୟକ୍ଷତା ର ଶିକ୍ଷା କ୍ଷେତ୍ର ବୈଠକ୍‌ମାଳା ଭୁବନେଶ୍ୱର୍ ନ ଆଏଜ୍‌ଠାନୁ ମୁଲ୍ ହେବା । ୭ ତାରିଖ୍‌ତକ୍ ହେବାର୍‌କେ ଥିବା 'ଇ ଶିକ୍ଷାକ୍ଷେତ୍ର ବୈଠକ୍‌ମାଳା'ଥି ୧୧ ଟା ବ୍ରିକ୍ସ ସଦସ୍ୟ ଦେଶର୍ ୮ ଝନ୍ ଶିକ୍ଷାମନ୍ତ୍ରୀଙ୍କର୍ ସହେତେ ୪୦ ଝନ୍ ବରିଷ୍ଠ ପଦାଧିକାରୀ, ଭାରତ୍ ସର୍‌କାର୍‌ଙ୍କର୍ ପଦାଧିକାର୍ ଆର୍ ଅଲ୍‌ଗା ଅତିଥିମାନ୍‌କୁ ମିଶେଇକରି ମୋଟ୍ ୨ ଶହ ନୁ ଅଏତ୍‌କା ପ୍ରତିନିଧି ଭାଗ୍ ନେବେ । ବ୍ରିକ୍ସ -ଭାରତ୍ ଅଧ୍ୟକ୍ଷତାର୍ ବିଷୟବସ୍ତୁ ରହିଛେ- ଜନ କୈନ୍ଦ୍ରିକ ଆଉ ମାନବ କଲ୍ୟାଣ୍ ପ୍ରାଥମିକତା ଦୃଷ୍ଟିଭଙ୍ଗିକେ ଆଧାର୍ କରିକରି ବିଶ୍ୱସ୍ତରୀୟ ଆହ୍ୱାନ୍ ମାନ୍‌କର୍ ମୁକାବିଲା ଲାଗି ସହନଶୀଳତା, ପାରସ୍ପରିକ୍ ସହଯୋଗ୍ ଆଉ ସ୍ଥାୟୀ ବିକାଶ୍‌କେ ବର୍‌କସ୍ କର୍‌ବାର୍ । ଇନ ଜନେଇ ଦିଆଯାଇପାରେ ଯେ, ୨୦୦୬

ମସିହାନୁ ଇ ବ୍ରିକ୍ସ ସମ୍ମିଳନୀ ଭିନ୍ ଭିନ୍ ରାଷ୍ଟ୍ରମାନ୍‌କେ ହେଉଥିବାର୍ ବେଲେ ଇ ବଛର୍ ଭାରତ୍ ନ ଇ ସମ୍ମିଳନୀ ହେଉଛେ ।

ରାଷ୍ଟ୍ରପତି ଓଡ଼ିଶା ଗସ୍ତ            ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ଓଡ଼ିଶା ଗସ୍ତର୍ ଶେଷ୍ ଦିନେ ଆଏଜ୍ ବ୍ରହ୍ମପୁର୍ ନୁ ଗୁଟେ ଖାସ୍ ଟ୍ରେନ୍‌ଥି ଭୁବ୍‌ନେଶ୍ୱର୍‌କେ ଫିର୍‌ବେ । ତାର୍ ଆଘୋନୁ ରାଷ୍ଟ୍ରପତି ଆଏଜ୍ ସଖାଲ୍‌ବେଲା ବ୍ରହ୍ମପୁର୍ ଧବଳେଶ୍ୱର ପୀଠ ନ ଖାସ୍ ପୂଜାର୍ଚ୍ଚନା କରିଛନ୍ । ଆଏଜ୍ ରାଷ୍ଟ୍ରପତି ଦିଲ୍ଲୀ  ଫିରିଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଯୋଗାଣ୍ ବିଭାଗ୍ ସମୀକ୍ଷା             ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ବଏଢ଼୍ ପ୍ରଭାବିତ୍ ଜିଲ୍ଲାମାନ୍‌କେ ଜରୁରୀ ଦରବ୍ ସହଜ୍‌ଥି ମିଲ୍‌ବାର୍ ଆଉ ଦରଦାମ୍ ନିୟନ୍ତ୍ରଣ୍ ଉପ୍‌ରେ ଜୋର୍ ଦେଇକରି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂହଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା

ବୈଠକ୍ ହେଇଯାଇଛେ । ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କର୍ ପରାମର୍ଶଥି ହେଇଥିବା ବୈଠକ୍‌ଥି ରାଜ୍ୟ ଯୋଗାଣ୍ ନିଗମ୍‌ର ନିର୍ଦ୍ଦେଶକ୍ ଆଉ ସବୁ ଜିଲ୍ଲାର୍ ଯୋଗାଣ୍ ଅଧିକାରୀମାନେ ଆଭାସୀ ଜରିଏ ଯୋଗ୍ ଦେଇଥିଲେ । ଇତାର୍‌ସହେତେ ବୈଠକ୍‌ଥି ଖାଦ୍ୟ ସୁରକ୍ଷା ଯୋଜ୍‌ନା ଅଧୀନ୍‌ଥି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଜାତୀୟ ଆଉ ଖାଦ୍ୟ ସୁରକ୍ଷାର୍ ଚାଉଲ୍ କୋଟା ଆଉ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର୍ ମାସର୍ କିରାସିନି କୋଟାକେ ଠିକ୍ ସମିଆଥି ଉଠାବାର୍ ଆଉ ବାଂଟ୍‌ବାର୍ ବାବ୍‌ଦେ ଭିଲ୍ ସମୀକ୍ଷା କରାଯାଇଛେ । ଆଏବା ଅଗଷ୍ଟ୍ ୧୫ ତାରିଖ୍‌ତକ୍ ଇସବୁ କାମ୍ ଶେଷ୍ କର୍‌ବାର୍‌କେ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ସ୍ୱାସ୍ଥ୍ୟସେବା ଚୁକ୍ତିପତ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସ୍ୱାସ୍ଥ୍ୟସେବା କ୍ଷେତ୍ରକେ ଅଏତ୍‌କା ବର୍‌କସ୍, ଗୁଣାତ୍ମକ ଆଉ ଜନକଲ୍ୟାଣ୍‌କାରୀ କର୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ଠାନେ ରାଜ୍ୟ ସର୍‌କାର୍ ୧୦ ଟା ପ୍ରମୁଖ୍ ସଂସ୍ଥା ସାଙ୍ଗେ ଜରୁରୀ ସହମତି ପତ୍ର ସ୍ୱାକ୍ଷର୍ କରିଛନ୍ । ଇ ଚୁକ୍ତି ମାନ୍‌କର୍ ଜରିଏ

ମାତୃ ଆଉ ଶିଶୁ ସ୍ୱାସ୍ଥ୍ୟ, ଜରୁରୀକାଳୀନ୍ ଚିକିତ୍ସା, ଆୟୁର୍ବେଦ୍, ପରୀକ୍ଷାଗାର୍ ମାନ୍ୟତା, ସ୍ୱାସ୍ଥ୍ୟ ପ୍ରଶାସନ୍ କ୍ଷେତ୍ରଥି ଗୁଟେ ନୂଆଁ ଯୁଗ୍ ମୁଲ୍ ହେବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ ।

ବୁଝାମଣାପତ୍ର        ଆର୍ଏନ୍ୟୁ/ ସମ୍ବଲପୁର

ସାଇବର୍ ଅପରାଧ୍ର ସଠିକ୍ ମୁକାବିଲା, ଡିଜିଟାଲ୍ ଫରେନ୍ସିକ୍ଥି ଦକ୍ଷତା ବଢ଼ାବାର୍ ଆଉ ବୈଜ୍ଞାନିକ୍ ତଦନ୍ତ୍ ବ୍ୟବସ୍ଥାକେ ଅଏତ୍କା ବର୍କସ୍ କର୍ବାର୍ ଲକ୍ଷ୍ୟଥି ଓଡ଼ିଶା ପୁଲିସ୍ର ସିଆଇଡି କ୍ରାଇମ୍ ବ୍ରାଂଚ୍ ଆଉ ଭୁବ୍ନେଶ୍ୱର୍ ରାଷ୍ଟ୍ରୀୟ ଫରେନ୍ସିକ୍ ବିଜ୍ଞାନ୍ ବିଶ୍ୱବିଦ୍ୟାଳୟ- ଏନ୍.ଏଫ୍.ଏସ୍.ୟୁ. ଭିତ୍ରେ ଗୁଟେ ୫ ବଛ୍ରିଆ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଉପସ୍ଥିତିଥି କ୍ରାଇମ୍ବ୍ରାଂଚ୍ ମହାନିର୍ଦ୍ଦେଶକ୍ ବିନୟତୋଷ୍ ମିଶ୍ର ଆଉ ଏନ୍.ଏଫ୍.ଏସ୍.ୟୁ. ର କେମ୍ପସ୍ ନିର୍ଦ୍ଦେଶିକା ଡକ୍ଟର୍ ପୂର୍ବୀ ପୋଖରିଆଲ୍ ଇ ବୁଝାମଣାପତ୍ରଥି ସ୍ୱାକ୍ଷରିତ୍ କରିଛନ୍ । ଇ ଅବ୍ସରେ ଡିଜିପି ଶ୍ରୀ ଖୁରାନିଆ ସାଇବର୍

ଅପରାଧ୍ ତଦନ୍ତ୍ ଆଉ ଡିଜିଟାଲ୍ ଫରେନ୍‌ସିକ୍ ଶୀର୍ଷକ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ର ଭିଲ୍ ଶୁଭାରମ୍ଭ କରିଛନ୍ ।

ମୁଖ୍ୟଶାସନ୍ ସଚିବ ସଚିବସ୍ତରୀୟ ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବନେଶ୍ୱର୍ ଖାରବେଳ ଭବନ୍ ସମ୍ମିଳନୀ କକ୍ଷ ନ ଗଲାକାଏଲ୍ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଚଲ୍‌ତି ବଛର୍ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକେ ସଫଲ୍‌ତାର୍ ସହେତେ ଆୟୋଜନ୍ କରାୟାଇଥିବାର୍‌ନୁ ଶ୍ରୀମନ୍ଦିର୍ ପ୍ରଶାସନ୍, ପୁରୀ ଜିଲ୍ଲା ପ୍ରଶାସନ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍‌ର ମିଲିତ୍ ଚେଷ୍ଟା ଲାଗି ଶ୍ରୀମତୀ ଗର୍ଗ ଧନ୍ୟବାଦ୍ ଜନେଇଥିଲେ । ସେନ୍ତା ରାଏଜେ ଦେଖାଦେଇଥିବା ବଏଢ଼୍ ଥିତିର୍ ନିୟନ୍ତ୍ରଣ୍ ଆଉ ତାର୍ ପରିଚାଲନା କରାୟାଇଥିବାର୍‌ନୁ ଭିନ୍ ଭିନ୍ ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍‌କେ ଭିଲ୍ ସେ ପ୍ରଶଂସା କରିଥିଲେ । ବୈଠକ୍‌ଥି ଗଲା ୧୫ ଦିନ୍ ଭିତ୍‌ରେ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଉଲ୍ଲେଖନୀୟ କାମ୍ ବାବ୍‌ଦେ ଆଲୋଚନା କରାୟାଇଥିଲା । ରାଜ୍ୟ କେବିନେଟ୍ ବୈଠକ୍‌ଥି

ନିଆଯାଉଥିବା ଭିନ୍ ଭିନ୍ ନିଷ୍ପତିର୍ କାର୍ଯ୍ୟକାରିତା ବାବ୍‌ଦେ ଭିଲ୍ ଶ୍ରୀମତୀ ଗର୍ଗ ଜୋର୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ୍ ଯୋଜ୍‌ନା ଝାର୍‌ସୁଗୁଡ଼ା

ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର୍ ଅଧକ୍ଷତାଥି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ୍ ଯୋଜ୍‌ନାର୍ ୪ ନମ୍ବର୍ ଜିଲ୍ଲାସ୍ତରୀୟ ମନୋନୟନ୍ କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଝାର୍‌ସୁଗୁଡ଼ା, କୁଲାବିରା, କିର୍‌ମିରା, ଲଇକେରା ଆଉ ଲଖନ୍‌ପୁର୍ ବ୍ଲକ୍‌ର ଭିନ୍ ଭିନ୍ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇକରି ଅନୁମୋଦନ୍ କରାଯାଇଛେ । ମତ୍ସ୍ୟ ପୋଖରି ଯୋଜ୍‌ନାଥି ନୂଆଁ ବନ୍ଧ୍ କୁଡ଼୍‌ବାର୍ ଲାଗି ୧୫ ହେକ୍ଟର୍ ଲକ୍ଷ୍ୟ ଧାରିଜ୍ ହେଇଥିବାର୍ ବେଲେ ଅଏତ୍‌କା ୨ ଟା ଆବେଦନ୍ ସହେତେ ମାଛ୍ ଚାଷ୍ ଲାଗି ଆହୁରି ୭ ଟା ଆବେଦନ୍‌କେ ଅନୁମୋଦନ୍ ମିଲିଛେ ।

ନିଶାମୁକ୍ତ ଭାରତ୍ ଅଭିଯାନ-ଶପଥ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ଜିଲ୍ଲା ସାମାଜିକ୍ ସୁରକ୍ଷା ଅଧିକାରୀ ଶ୍ରୀନିବାସ୍ ଜାନିଙ୍କର୍ ଦେଖ୍‌ରେଖ୍‌ଥି ନିଶାମୁକ୍ତ ଭାରତ୍ ଅଭିଯାନ୍ ଅଧୀନ୍‌ଥି ନିଶା ଦରବ୍‌ର ଅପବ୍ୟବହାର୍‌କେ ଅଟ୍‌କାବାର୍ ଲାଗି ଶପଥ୍ ପାଠ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ନିଶାର୍ ଖରାପ୍ ପ୍ରଭାବ୍‌ନୁ ଦୂରେଇ ରହିକରି ଦେଶ୍ ଗଠନ୍‌ଥି ସାମିଲ୍ ହେବାର୍ ଆଉ ଦେବ୍‌ଗଡ଼୍ ଜିଲ୍ଲାକେ ନିଶାମୁକ୍ତ କର୍‌ବାର୍ ଲାଗି ସମ୍‌କୁ ଶପଥ୍ ପାଠ୍ କରେଇଥିଲେ ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ଆଉ ତାର୍ ପାଖର୍ ଆନ୍ଧ୍ର ସମୁଦ୍ରଖଁଡ଼ି ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨ ଦିନ୍ ତକ୍ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା

ଭିତ୍ରେ ସମ୍ବଲ୍ପୁର୍, ସୁନ୍ଦର୍ଗଡ଼୍, ନୂଆପଡ଼ା, କଲାହାଣ୍ଡି ସହେତେ ୧୩ ଟା ଜିଲ୍ଲା ନ ଅତି ଜବର୍ ବର୍ଷା ହେବା ବଲି କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ ନୁ ୧୩ ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।